ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଡିସେମ୍ବର ୨୭, ୨୦୨୦



## ଜଙ୍ଗଲରୁ ଗଞ୍ଜେଇ ଜବତ, ଜଣେ ଗିରଫ

କାଲିମେଲା, (ଡି.ଏନ୍.ଏ.): କାଲିମେଲା ଥାନା ଡୁମଗୁଡା ଗ୍ରାମ ଜଙ୍ଗଲରୁ ଚଢ଼ାଉ କରି କାଲିମେଲା ପୋଲିସ ୬୦ କେଜି ଗଞ୍ଜେଇ ଜବତ କରିଛି । ୨ଟି ବାଇକ୍ ଏବଂ ଗଞ୍ଜେଇ ପ୍ୟାକିଂରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରାଂଶ ମଧ ଜବତ ହୋଇଛି। ଜଣକୁ ଗିରଫ କରାଯାଇଥିବା ବେଳେ ୫ ଜଣ ଖସି ପଳାଇଛନ୍ତି। ଏ ନେଇ କାଲିମେଲା ଥାନାରେ ୧୭୪।୨୦ରେ ଏକ ମାମଲା ରୁଜୁ ହୋଇ ଗିରଫ ବ୍ୟକ୍ତିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ସୁପାଲୁ ଗ୍ରାମର କାମା ମାଡ଼ି(୩୭)। ଚଢ଼ାଉରେ ଥାନା ଅଧିକାରୀ ସୁରଜ କୁମାର ଝାଙ୍କର,ଏସଆଇ ପଞ୍ଚାନନ ବେହେରା,ଏଏସଆଇ ଡି. ମୁର୍ମୁ, କନଷ୍ଟେବଲ ପୁରୁଷୋତମ ରାୟ ସାମିଲ ଥିଲେ।

# ସଂକ୍ଷେପରେ

## ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା ଲୁଟ୍

ବିଷମକଟକ, ୨୬।୧୨-ଜଣେ ଟ୍ରକ୍ ଡ୍ରାଇଭରଙ୍କୁ କେତେଜଣ ଦୁର୍ବୃତ୍ତ ମାଡ଼ମାରି ତାଙ୍କ ନିକଟରେ ଥିବା ଟଙ୍କା ଲୁଟି ନେଇଛନ୍ତି। ଡ୍ରାଇଭର ଜଣଙ୍କ ବାଲେଶ୍ୱର ଜିଲା ରଣସାହିର କାର୍ତ୍ତିକ ମଲ୍ଲିକ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କାର୍ତ୍ତିକଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କାର୍ତ୍ତିକ ରାଉରକେଲାରୁ ବିଶାଖାପାଟଣାକୁ ଟ୍ରକ ନେଇ ଯାଉଥିବାବେଳେ କଳାହାଣ୍ଡି ଜିଲା ନର୍ଲା ଥାନା ସିକର କୁପା ଫାଣ୍ଡି ଅଧୀନ କଦଳୀ ଘାଟି ନିକଟରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଟ୍ରକ ଅଟାକାଇବା ପରେ ବୋଲେରୋରୁ ବାହାରି ସେମାନେ କାର୍ତ୍ତିକଙ୍କୁ ଠେଙ୍ଗାରେ ନିସ୍ତୁକ ପିଟି ତାଙ୍କ ନିକଟରେ ଥିବା ୨୩ଶହ ଟଙ୍କା ଲୁଟି ନେଇଥିଲେ। କାର୍ତ୍ତିକ ଭୟରେ ଟ୍ରକ ନେଇ ବିଷମକଟକ ଥାନ ଅଧୀନ ଛାଞ୍ଚଡାଗୁଡ଼ା ଗ୍ରାମ ନିକଟକୁ ପଳାଇ ଆସିଥିଲେ। ସେଠାରେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ଗ୍ରାମବାସୀ ଆମ୍ବୁଲାନ୍ସରେ କାର୍ତ୍ତିକଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଲୋକଙ୍କ ବିଶ୍ୱାସ ଜିତିଛି ବିଜେଡି
### ୨୪ତମ ପ୍ରତିଷ୍ଠା ଦିବସ

ଜୟପୁର,୨୬।୧୨(ନି.ପ୍ର.)-ଜୟପୁରରେ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ ହୋଇଯାଇଛି। ସଙ୍ଗମ ମଣ୍ଡପଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜୟପୁର ନିର୍ବାଚନ ମଣ୍ଡଳୀର ସମସ୍ତ ନେତା, କର୍ମୀ ଉପସ୍ଥିତ ଥିଲେ। କୋରପୁଟ ଜିଲା ପର୍ଯ୍ୟବେକ୍ଷକ ବିଧାୟକ ଚନ୍ଦ୍ରସାରଥି ବେହେରା, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ମହିଳାନେତ୍ରୀ ଇନ୍ଦିରା ନନ୍ଦ, ବରିଷ୍ଠ କର୍ମୀ ରମା ରାହୁଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ବିଜେଡି ୨୧ବର୍ଷ ଧରି ଶାସନ କରିଆସୁଛି। ଲୋକଙ୍କ ସେବା ପାଇଁ କର୍ମୀ ଓ ନେତାମାନେ ସଂକଳ୍ପ ନେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ସମଗ୍ର ଦେଶରେ ଏକ ନମ୍ବର ଆଞ୍ଚଳିକ ଦଳ ଭାବେ ଉଭା ହୋଇଥିବା ବିଜେଡି ଲୋକଙ୍କ ବିଶ୍ୱାସ ବଜାୟ ରଖିପାରିଛି। ତେବେ ଜୟପୁର ନିର୍ବାଚନମଣ୍ଡଳୀରେ ଦଳ ୨ଥର ପରାଜିତ ହୋଇଛି। ଆଗାମୀ ଦିନରେ ଜୟପୁରରେ ବିଜେଡିକୁ ଫେରାଇ ଆଣିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି ଅବସରରେ ଚାଷୀଙ୍କ ପାଇଁ ରାଜ୍ୟ ସରକାର ସର୍ବଦା ଚିନ୍ତିତ ଅଛନ୍ତି ବୋଲ ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ କହିଥିଲେ। କୋରାପୁଟ ଜିଲାରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନୂତନ ରଣନୀତି ପ୍ରସ୍ତୁତି ଚାଲିଥିବା ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଚନ୍ଦ୍ରସାରଥି ବେହେରା କହିଥିଲେ। କାର୍ଯ୍ୟକ୍ରମରେ ସୂର୍ଯ୍ୟନାରାୟଣ ରଥ, ଲାଲା ରାୟ, ଅନୁପ ପାତ୍ର, ଧର୍ମେନ୍ଦ୍ର ଅଧିକାରୀ, ଅନି ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପିକ୍ଅପ୍ ଓଲଟି ୯ ଗୁରୁତର

ଗୁଣପୁର,୨୬।୧୨(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ନିକଟ ରିଜିଂତାଲ ଘାଟିରେ ଶନିବାର ଏକ ପିକ୍ଅପ୍ ଓଲଟି ୯ଯାତ୍ରୀ ଗୁରୁତର ଏବଂ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ପୁଟାସିଂ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ୯ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଗୁଣପୁର ପଠାଯାଇଥିଲା। ସେଠାରୁ ୩ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଟଲଣା ପଞ୍ଚାୟତ ଜାମୁଡାଲ ଗ୍ରାମର ଲୋକେ ବଡ଼ଦିନ ସରିବା ପରେ ପାଷ୍ଟରଙ୍କୁ ନେଇ କଲସିଂ ପଞ୍ଚାୟତର ତଣ୍ଡରଙ୍ଗ ଗ୍ରାମକୁ ଯାଇଥିଲେ। ପାଷ୍ଟରଙ୍କୁ ଛାଡ଼ି ଫେରୁଥିବାବେଳେ ପୁଟାସିଂ ନିକଟ ରିଜିଂତାଲ ଘାଟିରେ ଭାରସାମ୍ୟ ହରାଇ ଗାଡ଼ି ଓଲଟି ପଡ଼ିଥିଲା ବୋଲି ପୁଟାସିଂ ଥାନାଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

ରାୟଗଡ଼ା ଅଫିସ/ଟିକିରି, ୨୬।୧୨ (ଡି.ଏନ୍.ଏ.)-ରାୟଗଡ଼ା ନିକଟବର୍ତ୍ତୀ ଶ୍ରୀଝର ଗ୍ରାମଠାରେ ଶନିବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀପୁର ବ୍ଲକ୍ ଟିକିରି ଗୌଡ଼ସାହିର ନାରାୟଣ ଷଡ଼ଙ୍ଗୀଙ୍କ ପୁଅ ସମୀର(୨୧)। ଟିକିରିରୁ ବାଇକ୍ ଯୋଗେ ରାୟଗଡ଼ା ଯିବା ସମୟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ଉଦ୍ଧାର କରାଯାଇ ରାୟଗଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମୀର ଜଣେ ଇଞ୍ଜିନିୟରିଂ ଛାତ୍ର ଥିଲେ । ରାୟଗଡ଼ା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଗ୍ରାମବାସୀ ଆଣିଲେ ହତ୍ୟା ଅଭିଯୋଗ

## ମଦ ପିଇବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାଙ୍ଗୀ,୨୬।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ଇତାବାଲସା ଗ୍ରାମରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ନେଇ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣିଛନ୍ତି। ବୁଡ଼ିଆ ଧନଙ୍କୁ ଗ୍ରାମର ବୁଡ଼ିଆ ସୋମା ନିକଟସ୍ଥ ପାହାଡ଼ରେ ରନ୍ଧା ହେଉଥିବା ଦେଶୀ ମଦ ପିଇବାକୁ ଡାକି ନେଇଥିଲେ ବୋଲି ତାଙ୍କ ସ୍ତ୍ରୀ ବୁଡ଼ିଆ ଲାଛି ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଁ ମଦ୍ୟପାନ କରି ଗ୍ରାମକୁ ଫେରିଥିଲେ ମଧ ମୋ ସ୍ୱାମୀ ନ ଫେରିବାରୁ ତାଙ୍କୁ ଖୋଜିବାକୁ ଯାଇ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲି। ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏନେଇ ସେ ଶନିବାର ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଜୟରାଜ ମାଝି ଏବଂ ଏଏସ୍ଆଇ ସୁବାସ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ତେବେ ମଦ୍ୟପାନ ଯୋଗୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇ ନ ଥିବା ତାଙ୍କ ଝିଅ ବୁଡିଆ ସୀତାମା କହିଛନ୍ତି। ଅନ୍ୟପକ୍ଷରେ ମଦ୍ୟପାନ କରିବାକୁ ଡାକି ନେଇଥିବା ବୁଡିଆ ସୋମା ଫେରାର ହୋଇଯାଇଛନ୍ତି। ତାଙ୍କ ଫେରାର ହେବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମାଝି କହିଛନ୍ତି, ମୃତ ବ୍ୟକ୍ତିଙ୍କ ବ୍ୟବଚ୍ଛେଦ ସମୟରେ ତାଙ୍କ ପେଟରୁ ପ୍ରାୟ ୩ ଲିଟର ମଦ ବାହାରିଥିବା କହିଛନ୍ତି। କେସ୍ ନଂ. ୨୩/୨୦ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଗ୍ରାମବାସୀ ସନ୍ଦେହ କରୁଥିବା ବ୍ୟକ୍ତି ଧରିବା ପଡିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ମୃତ ଧନଙ୍କ ବଡ଼ଭାଇ ବୁଡିଆ ସିତ୍ରଙ୍କ ମୃତଦେହ ଏପରି ଗତ ୮ ତଳେ ବାଇଲିପାଡୁ ଗ୍ରାମ ନିକଟରୁ ମିଳିଥିଲା ।

# ମୃତ କରୋନା ଯୋଦ୍ଧାଙ୍କୁ ମିଳିଲା ସରକାରୀ ସହାୟତା



ଜିଲାପାଳ ଯୋଦ୍ଧାଙ୍କ ପରିବାରକୁ ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡ଼ା ଅଫିସ/ପଦ୍ମପୁର, ୨୬।୧୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲାରେ କରୋନା ସଂଗ୍ରାମ ସମୟରେ ପଦ୍ମପୁର ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ସରକାରୀ ଘୋଷଣା ଅନୁଯାୟୀ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଶନିବାର ଯନ୍ତ୍ରୀଙ୍କ ସ୍ତ୍ରୀ ରଶ୍ମିତା ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ତାଙ୍କର ୩ ସନ୍ତାନ ମଧ ଉପସ୍ଥିତ ଥିଲେ। ଚେକ୍ ପ୍ରଦାନବେଳେ ଡିଆରଡିଏ ପିଡି ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପଦ୍ମପୁର ବିଡିଓ ଦୟାମୟ ପାଢ଼ୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ ପଦ୍ମପୁର ବ୍ଲକ୍‌ରେ ମେ ପହିଲାରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ କରୋନା ମୁକାବିଲା ନିମନ୍ତେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୋଡାଲ ଅଧିକାରୀ ଦାୟିତ୍ୱରେ ଥିଲେ। ଅଗଷ୍ଟ ୧୯ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଜେଡି ଶାସନର ମୂଳମନ୍ତ୍ର ଦୁର୍ନୀତିମୁକ୍ତ ସରକାର

## ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

ରାୟଗଡ଼ା ଅଫିସ,୨୬।୧୨–



ଖବରଦାତା ସମ୍ମିଳନୀରେ ରାଜ୍ୟସଭା ସଦସ୍ୟ ଏନ. ଭାସ୍କର ରାଓ ଓ ଅନ୍ୟମାନେ ।

ରାୟଗଡ଼ା ଜିଲା ବିଜେଡି ଶନିବାର ଦଳର ୨୪ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଉପଲକ୍ଷେ ସଦର ବିଜୁ ପଟ୍ଟନାୟକ ଟର୍ମିନାଲ ନିକଟସ୍ଥ ଦଳର ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଏବଂ ଦଳୀୟ କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବମ୍ସି କ୍ରିଷ୍ଟା ଫଙ୍କସନ ହଲ୍‌ରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟସଭା ସଦସ୍ୟ ହେଲ୍‌ମେଟ ପିନ୍ଧି ନ ଥିବା ଯୋଗୁ ଜରିମାନା ଦେଇଥିବା ସେ କହିଛନ୍ତି। ବିଜେଡି ଏକ ନିରପେକ୍ଷ ଦଳ, ନିୟମ ଭାଙ୍ଗିଲେ ମନ୍ତ୍ରୀ, ନେତା, ସରକାରୀ ଅଧିକାରୀ ସମସ୍ତେ ଦଣ୍ଡ ପାଇବେ ବୋଲି ସେ କହିଛନ୍ତି। ସେହିପରି ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କିପରି ଲୋକଙ୍କ ବିକାଶ ହୋଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲାର ଉନ୍ନତି କ୍ଷେତ୍ରରେ ନିୟୋଜିତ ହେବା ନିମନ୍ତେ ସେ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ରାଓ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ମହିଳା ସଭାନେତ୍ରୀ ଅନୁସୟା ମାଝି, ସୁଜାତା ପାଳ, ଜିଲା ଯୁବ ବିଜେଡି ସଭାପତି ଦେବାଶିଷ ଖାଡ଼ଙ୍ଗା ଉପସ୍ଥିତ ଥିଲେ। ଏହି ଅବସରରେ ଅନୀଲ୍ ନାୟକଙ୍କ ସମେତ ୫୦ ଯୁବକ ଏବଂ ଆଇନଜୀବୀ ଶୁଭ୍ରା ପଣ୍ଡାଙ୍କ ସମେତ କେତେଜଣ ମହିଳା ବିଜେଡିରେ ଯୋଗ ଦେଇଥିଲେ। ପଛୁଆ ଅଞ୍ଚଳର ସମସ୍ତ ଦାବି ମୁଖ୍ୟମନ୍ତ୍ରୀ ଶୁଣୁଛନ୍ତି। ୧୦ରୁ ଉର୍ଦ୍ଧ୍ୱ ଥର ରାୟଗଡ଼ା ପୌର ପରିଷଦ ପୁରସ୍କୃତ ହୋଇଛି ବୋଲି ସେ କହିଛନ୍ତି। ସେହିପରି ପ୍ରତିଷ୍ଠା ଦିବସରେ ରାଜ୍ୟସଭା ସଦସ୍ୟ ରାଓଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନି କରାଯାଇଥିଲା। ଏଥିରେ ରାଓ କହିଛନ୍ତି, ବିଜେଡି ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ପାଇଁ ସଫଳ ହୋଇଛି। ବିଜେଡି କିଛି କରୁନାହିଁ ବୋଲି ବିଭିନ୍ନ ଦଳ ଅଭିଯୋଗ କରୁଛନ୍ତି, ସମୟ ଆସିଲେ ତଥ୍ୟ ଉପସ୍ଥାପନ କରିବୁ। ବିଜେଡି ଶାସନର ମୂଳମନ୍ତ୍ର 'ଦୁର୍ନୀତି ମୁକ୍ତ ସରକାର'। ଓଡ଼ିଶାରେ ବିଭିନ୍ନ ଯୋଜନା କେନ୍ଦ୍ର ଏବଂ ରାଜ୍ୟର ମିଳିତ ସହଯୋଗରେ ଚାଲିଛି। ଆଉ କେତୋଟି ଯୋଜନା କେନ୍ଦ୍ର ସରକାର ବନ୍ଦ କରିଥିଲେ ମଧ ରାଜ୍ୟ ସରକାର ନିଜେ ଚାଲୁ ରଖିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏବେ ରାୟଗଡ଼ା ଏବଂ ଗୁଣପୁରଠାରେ ଏକ ସହରାଞ୍ଚଳ ଡାକ୍ତରଖାନା ପାଇଁ ଟଙ୍କା ମଞ୍ଜୁର ହୋଇଛି। ସରକାରୀ ଯାଗା ମଧ ଚିହ୍ନଟ ହୋଇଥିବା ସେ କହିଛନ୍ତି। ୨ କୋଟି ଲେଖାଏ ୪ କୋଟି ବ୍ୟୟରେ ଦୁଇ ହସ୍ପିଟାଲ କରାଯିବ ବୋଲି ସେ ସୂଚନା ଦେଇ କହିଛନ୍ତି।

## ଆରମ୍ଭ ହେଲା ଭଲିବଲ କ୍ରୀଡ଼ା

ମାଲକାନଗିରି,୨୬।୧୨(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ରାଜ୍ୟରେ ସମସ୍ତ ଖେଳକୁ ନିଷେଧ କରାଯାଇଛି। ଏବେ ଏହି କଟକଣାକୁ ଆଂଶିକ କୋହଳ ପରେ ରାଜ୍ୟ ଏବଂ ଦେଶର ବିଭିନ୍ନ ସ୍ଥାନରେ କ୍ରିକେଟ ସହ ଅନ୍ୟାନ୍ୟ କ୍ରୀଡ଼ା କରାଯାଉଛି। ମାଲକାନଗିରି ଜିଲାରେ ଭଲିବଲ କ୍ରୀଡ଼ା ଆରମ୍ଭ ହୋଇଛି। ଡିଏନ୍‌କେ ପୁରୁଣା ମେଡିକାଲ ଛକ ନିକଟରେ ଶିବଶକ୍ତି ଫୁଟ୍‌ବଲ କ୍ଲବ ପକ୍ଷରୁ ଆନ୍ତଃରାଜ୍ୟ କ୍ରୀଡ଼ା ପ୍ରତିଯୋଗିତା ହେଉଛି। ଏହାକୁ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ପାତ୍ର ଉଦ୍‌ଘାଟନ କରିଥିଲେ। କାଦିର ଖାନ୍, ରାଜୁ ଖୁଡି, ଗୁପ୍ତ ଗୌଡ, ବି. ଲଳିତ, କୁନା ନାୟକ ଉପସ୍ଥିତ ଥିଲେ।

## ବ୍ଲକ କଂଗ୍ରେସର ନୂତନ କମିଟି

କାଲିମେଲା,୨୬।୧୨(ଡି.ଏନ.ଏ)-

କାଲିମେଲା ବ୍ଲକ କଂଗ୍ରେସ ଗଠିତ କମିଟିରେ ଜଣେ ସଭାପତି , ୩ ଜଣ ଉପସଭାପତି, ୫ ସାଧାରଣ ସମ୍ପାଦକ, ୭ ସମ୍ପାଦକ, ଜଣେ କୋଷାଧକ୍ଷ ଏବଂ ୧୩ ଜଣ ସଭ୍ୟ ରହିଛନ୍ତି। ବ୍ଲକ କଂଗ୍ରେସ ସଭାପତି ଭାବେ ଜ୍ୟୋତିଷ ମଣ୍ଡଳଙ୍କୁ ଚୟନ କରାଯାଇଛି । ଉପସଭାପତି ଭାବେ ଅକୁଳ ସାନା,ଗଙ୍ଗା ମାଡି ଏବଂ ସମରେଶ ମିରିଧା ଅଛନ୍ତି । ଭିମେ ସୋୟେମ ପ୍ରଥମ ପାତ୍ର,ଦୁଲା ମାଡିଙ୍କ ସହ କମିଟିରେ ୧୩ ଜଣ ଉପଦେଷ୍ଟା ରହିଛନ୍ତି।

# ଜୈବିକ ପଦ୍ଧତିରେ ଚାଷ ଉପରେ ଗୁରୁତ୍ୱ



ଶିବିରରେ ଉପସ୍ଥିତ ଚାଷୀମାନେ।

## ଜିଲାସ୍ତରୀୟ କୃଷକ ତାଲିମ ଶିବିର

ମାଲକାନଗିରି, ୨୬।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ମଲ୍ଲିକେଶ୍ୱର ପର୍ବତ ପାଦଦେଶରେ ଶୁକ୍ରବାର ଜିଲାସ୍ତରୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଘାନା ନର୍ସରି ଯୋଜନା ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ରାଜ୍ୟ ନିର୍ଦ୍ଦେଶକ ଦିଲୀପ କୁମାର ରାବଲ, ଦକ୍ଷିଣାଞ୍ଚଳ କୃଷକ ବୈଷୟିକ ପରାମର୍ଶଦାତା ଗଣେଶ ମହାରଣା, ଜିଲା ସଂଯୋଜକ ସର୍ବକୁମାର ବିଶୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାର ୭ଟି ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଜିଲାରେ ମୃତ୍ତିକାର ଉର୍ବରତା କମିଯିବା, ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ, ବର୍ଷା ଦିନେ ମାଟିର ଉପର ସ୍ତରରେ ଥିବା ଉର୍ବରତା କ୍ଷୟ ସମ୍ପର୍କରେ ଆଲୋଚନା ହୋଇ ଚାଷୀଙ୍କୁ ଜୈବିକ ସାର ପ୍ରୟୋଗ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଉନ୍ନତ ପନିପରିବା, ଧାନ, ଡାଲି ଓ ତୈଳ ଜାତୀୟ ଫସଲ କରି ଅଧିକ ଲାଭବାନ୍ ହେବାକୁ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର ପ୍ରଶାନ୍ତିଲତା ବିଶୋୟୀ, ସନୁ ଅନୁଗୁ ଉପସ୍ଥିତ ଥିଲେ।

# ମାଲକାନଗିରିରେ ସେକ୍ସ ର୍ୟାକେଟ ଠାବ

## ୨ ମହିଳାଙ୍କ ସମେତ ୮ ଉଦ୍ଧାର

ମାଲକାନଗିରି,୨୬।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଏକ ସେକ୍ସ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ପୋଲିସ। ଏନେଇ ସୂଚନା ପାଇବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ମହିଳାଙ୍କ ସମେତ ୮ଜଣଙ୍କୁ ଧରିଥିବା ଶନିବାର ମାଲକାନଗିରି ଏସ୍‌ଡିପିଓ ଅଭିଳାଷ ଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଧରାପଡିଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଶିକ୍ଷକ ଅଛନ୍ତି।

ଏନେଇ ଏସ୍‌ଡିପିଓ ଅଭିଳାଷ ସୂଚନା ଦେଇ କହିଛନ୍ତି ଯେ, ଏହି କାରବାରେ କଟକ ଜିଲାର ଜଣେ ଥିବା ବେଳେ ଏମ୍‌ପିଭି –୧ ଗ୍ରାମର ଜଣେ ରହିଛନ୍ତି। ମାଲକାନଗିରି ଭେଟେରିନାରି ସାହିର ଜଣେ ୨୮ ବର୍ଷର ଯୁବକ ଥିବାବେଳେ ମାଲକାନଗିରିର ୩୫ ବର୍ଷର ମହାବୀର ଗଲେଛା ଧରାପଡିଛନ୍ତି। ଏମ୍.ଭି. ୩୦ ଗ୍ରାମର ୨୪ ବର୍ଷର ଜଣେ, ଏମ୍‌ଭି–୩ସ୍ଥିତ ବିଦେଶୀ ମଦ ଦୋକାନର ଜଣେ ୨୯ ବର୍ଷର କର୍ମଚାରୀ, ଏମ୍‌ଭି–୪୩ ଗ୍ରାମର ୩୦ ବର୍ଷର ଜଣେ ବ୍ୟକ୍ତି ଧରାପଡିଥିବା ବେଳେ ମାଲକାନଗିରି ସତୀଗୁଡାର ମଧ ଜଣେ ବ୍ୟକ୍ତି ସେମାନଙ୍କ ମଧ୍ୟରେ ଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାଲକାନଗିରିର କେତେକ ସ୍ଥାନରେ ସେକ୍ସ ର୍ୟାକେଟ୍ ଚାଲିଥିବା ଅଭିଯୋଗ ମିଳିବା ପରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ପରେ ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଦରିଗୁଡା, ଏମ୍‌ପିଭି–୧ରେ ଚଢ଼ାଉ ସମୟରେ ଏଥିରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୮ଜଣଙ୍କୁ ପୋଲିସ ଉଦ୍ଧାର କରିଥିଲା। ଜଣେ ନାବାଳିକାଙ୍କୁ ସେମାନେ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଜଣାପଡିବାରୁ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ସେହିପରି ଟେକବାଡି ସାହିରେ ମଧ କୋଲକାତାରୁ ୨ଜଣ ମହିଳାଙ୍କୁ ଆଣି କାରବାର କରାଯାଉଥିଲା। ସେଠାରୁ ମଧ ସମ୍ପୃକ୍ତ ୨ଜଣ ଜଣଙ୍କୁ ଉଦ୍ଧାର କରାଯାଇଛି। ମାଲକାନଗିରିସ୍ଥିତ ମଲ୍ଲିକେଶ୍ୱର କଲୋନୀରୁ ଜଣେ ଧରାପଡିଛନ୍ତି। ସେମାନଙ୍କଠାରୁ ମୋବାଇଲ ଫୋନ୍, ବାଇକ୍ ଆଦି ଜବତ ହୋଇଛି। ଏ ସମ୍ପର୍କରେ ୨ଟି ମାମଲା ରୁଜୁ ହୋଇଛି। ସେଥିରୁ ଗୋଟିଏରେ ପୋକ୍ସୋ ଆକ୍ଟ ଲଗାଯାଇଛି ବୋଲି ଏସ୍‌ଡିପିଓ ଅଭିଳାଷ କହିଛନ୍ତି। କେତେ ଜଣ ବ୍ୟକ୍ତି କୋଲକାତା, ସମ୍ବଲପୁର, କଟକ ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ମାଲକାନଗିରିର ବିଭିନ୍ନ ସ୍ଥାନରେ ରଖି ଅନୈତିକ କାର୍ଯ୍ୟରେ ଲଗାଉଛନ୍ତି। ଖବରଦାତା ସମ୍ମିଳନୀରେ ଆଇଆଇସି ରାମପ୍ରସାଦ ନାଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)**
**କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଗଜପତି ଜିଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦–୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୪।୧୨।୨୦୨୦ରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।
କପା ବିକ୍ରି ପାଇଁ ୨୦୨୦–୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନି/ବ୍ରହ୍ମା | ୨୯.୫–୩୦.୫ | ୩.୫–୪.୩ | ୮% | ୫,୮୨୫/– |
| ୨ | ଏମ.ଇ.ସି.ଏଚ୍. | ୨୭.୫–୨୮.୫ | ୩.୫–୪.୭ | ୮% | ୫,୭୨୫/– |

ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି
ଜିଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି


# ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

ଗୁଣପୁର/ବିଷମକଟକ/ଟିକିରି, ୨୬।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳୀୟ କର୍ମକର୍ତ୍ତାମାନେ ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଟାଉନ୍ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଏସ୍‌କେୱାଇର ଉପଦେଷ୍ଟା ତଥା ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବିଷମକଟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର କୁମାର ଦାସ ଉପସ୍ଥିତ ଥିଲେ। ବିଷମକଟକ, କଲ୍ୟାଣସିଂହପୁର, କୋଲନରା ଏବଂ ମୁନିଗୁଡ଼ା ବ୍ଲକ୍‌ର ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ଆଗେଇ ଦଳକୁ ଅଧିକ ମଜବୁତ କରିବା ପାଇଁ ମନ୍ତ୍ରୀ ସାରକା ନେତା ଓ କର୍ମୀଙ୍କ ସହଯୋଗ କାମନା କରିଥିଲେ। ବିଷମକଟକ ସମିତି ଅଧକ୍ଷା ବିଜୟ ଶାନ୍ତି କୁମ୍ବୁରୁକା, ବ୍ଲକ୍ ଉପସଭାପତି ଜଗନ୍ନାଥ ନୁଣ୍ଡ୍ରୁକା, ରାଜ୍ୟ ସମ୍ପାଦକ ଜ୍ୟୋତି ପ୍ରସାଦ ସାହୁ, ବାନାଗାଡି ତ୍ରିପତି ଓ ବ୍ଲକ୍ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। କାଶୀପୁରଠାରେ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକ ଜଗଦିଶ ପାତ୍ର, ଜିଲା ଉପସଭାପତି ଅମିତ କୁମାର ନାୟକ, ସମ୍ପାଦକ ହର ପ୍ରସାଦ ନାୟକ, ପ୍ରତାପ ବାଘ, ପୂର୍ବତନ ଜିଲା ପରିଷଦ ସଭ୍ୟ କମଳ ସାଉଁତା, ଜିଲା ପରିଷଦ ସଭ୍ୟା ରତ୍ନମାଳା ପରିଚ୍ଛା, ଶରତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ସଭାପତି ବିନୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମାଞ୍ଚଳ ସ୍ତରରୁ ଦଳକୁ ମଜଭୁତ କରିବା ନେଇ ଗୁରୁତ୍ୱ

କୋରାପୁଟ/ବୋରିଗୁମ୍ମା,୨୬।୧୨(ସ୍ୱ.ପ୍ର.)

କୋରାପୁଟ ଟାଉନହଲଠାରେ ଶନିବାର ଜିଲାରେ ବିଜେଡିର ପ୍ରତିଷ୍ଠା ଦିବସ କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଛି । ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା ଯୋଗଦେଇ କୋରାପୁଟ ଜିଲାର ଗ୍ରାମାଞ୍ଚଳ ସ୍ତରରେ ଦଳର ସ୍ଥିତିକୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କୋରାପୁଟ ବିଧାୟକ ରଘୁରାମ ପଡାଲ ଏବଂ ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିରସାନି ଉପସ୍ଥିତ ରହି ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବା ନେଇ ଗୁରୁତ୍ୱରୋପ କରିଥିଲେ । ବିଜେଡି ନେତା ରଘୁରାମ ମାଛ, ସୁରେଶ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ବୋରିଗୁମ୍ମା ବ୍ଲକ ନୂଆଗାଁଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ହୋଇଛି। ହସ୍ତତନ୍ତ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ଦଳୀୟ କର୍ମୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ବିଜେଡି ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ହୋଇପାରିଛି ବୋଲି ସେ କହିଥିଲେ। ବରିଷ୍ଠ ନେତା ପଙ୍କଜ ପାତ୍ର, କେଶବ ପଣ୍ଡା, ନରେନ୍ଦ୍ର ବିଶୋୟୀ,ଦିନେଶ ବିଶୋୟୀ, ଆରିଫ ପଟେଲ, ଟିକି ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଢଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିକାଶଠାରୁ ଦୂରରେ କାଳିଆମ୍ବ

**ଦଶମନ୍ତପୁର,୨୬।୧୨ (ଡ଼ି.ଏନ.ଏ )**

- ରାସ୍ତା, ପୋଲ ନ ହେଲେ ବ୍ଲକ ଘେରିବୁ
- ପ୍ରଶାସନକୁ ବାରମ୍ବାର ଜଣାଇ ମିଳିନି ସୁଫଳ
- ଖୁବ୍‌ଶୀଘ୍ର ପଦକ୍ଷେପ ନେବି: ବିଧାୟକ

ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ପ୍ରତି ଗ୍ରାମରେ ପକ୍କା ରାସ୍ତା ନିର୍ମାଣ ଲାଗି ଗୁରୁତ୍ୱ ଦେଉଛନ୍ତି। ଗ୍ରାମବାସୀଙ୍କ ଯାତାୟାତ ସୁବିଧା ସହ ଗର୍ଭବତୀ ଏବଂ ରୋଗୀ ଯେପରି ରାସ୍ତାଘାଟ ପାଇଁ ସମସ୍ୟାରେ ନ ପଡିବେ ସେନେଇ ପଦକ୍ଷେପ ନେଉଛନ୍ତି। ଏହା ସତ୍ତ୍ୱେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଏପରି ଗ୍ରାମ ଅଛି ଯେଉଁଠିକୁ ଏଯାଏ ରାସ୍ତାଟିଏ ତିଆରି ହୋଇପାରିନି। ଫଳରେ ଲୋକମାନେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରୋଗୀମାନେ ବେଶୀ କଷ୍ଟ ପାଉଛନ୍ତି। ସେହିପରି ଏକ ଗ୍ରାମ ହେଉଛି ଦଶମନ୍ତପୁର ବ୍ଲକର ଡୁମ୍ବାଗୁଡ଼ା ପଞ୍ଚାୟତର କାଳିଆମ୍ବ ଗ୍ରାମ। ୭୨ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଡୁମ୍ବାଗୁଡ଼ା ଛକଠାରୁ ୫ କିମି ଦୂରରେ ଥିବା ଏହି ଗ୍ରାମର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ଓ ହାଟ ବଜାରକୁ ଯିବା ଆସିବାରେ କଷ୍ଟ ଭୋଗୁଛନ୍ତି। ସେମାନେ ବାଧ ହୋଇ ଗାଁକୁ ଲାଗିଥିବା ରାୟଗଡ଼ା ଜିଲାର କାଶୀପୁର ବ୍ଲକର କୋସକୋଟା ନାଗରାନଦୀ ପାର ହୋଇ ଯାତାୟାତ କରୁଛନ୍ତି। ଡୁମ୍ବାଗୁଡ଼ା ଠାରୁ କାଳିଆମ୍ବ ଗାଁକୁ ସଂଯୋଗ କରୁଥିବା ଅଙ୍କାବଙ୍କା ରାସ୍ତା ମରଣାଯନ୍ତା ପାଲଟିଛି। ସନ୍ଧ୍ୟା ହେଲେ ଏହି ରାସ୍ତାରେ ଯାତାୟାତ କରିବା ଲାଗି ଗ୍ରାମବାସୀ ଉଚିତ୍ ମନେ କରୁନାହାନ୍ତି। ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ସେମାନେ ଖଟିଆରେ ବୋହି ନେଉଛନ୍ତି। ପାଠ ପଢ଼ିବା ପାଇଁ ଗ୍ରାମର ପିଲାମାନେ ଡୁମ୍ବାଗୁଡ଼ା ପଞ୍ଚାୟତ ବିଦ୍ୟାଳୟକୁ ଯାଉଛନ୍ତି। ଗ୍ରାମର ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି କହନ୍ତି ଗ୍ରାମର ଶୁଶାନ୍ତ ମାଣ୍ଡିଙ୍ଗା, ଜଗା ବିଶୋୟୀ, ପରମା ମାଣ୍ଡିଙ୍ଗା, ପଇରାଜ କୁଲେସିକା, ଉମେଶ ମାଣ୍ଡିଙ୍ଗା, ହିରଣ୍ୟ ବିଶୋୟୀ। ଯଦି କାଳିଆମ୍ବ ରାସ୍ତା ନିର୍ମାଣ ସହ ନାଗରାନଦୀରେ ଏକ ପୋଲ ନିର୍ମାଣ କରାଯାଏ ତେବେ ରାୟଗଡ଼ା ଜିଲା କାଶୀପୁର ବ୍ଲକର କୁଚେଇ଼ ପଦର ଏବଂ ଡ଼ୋଙ୍ଗାସିଲ ପଞ୍ଚାୟତର ଅନେକଗୁଡ଼ିଏ ଗ୍ରାମକୁ ଯୋଗାଯୋଗ କରିବା ସହଜ ହେବ। ଏଥିସହ ଦଶମନ୍ତପୁର ବ୍ଲକର ଗିର୍ଲିଗୁମ୍ମା ପଞ୍ଚାୟତର ଫୁଣ୍ଡାଗୁଡ଼ା, ଢ଼େଙ୍ଗାଗୁଡ଼ା ଏବଂ ଡ଼କ୍ରିବେଡ଼ା ଗ୍ରାମକୁ ଯୋଗାଯୋଗ ସୁବିଧା ହୋଇପାରିବ। ଯଦି ଗ୍ରାମକୁ ରାସ୍ତା ଓ ନଦୀ ଉପରେ ପୋଲ ନିର୍ମାଣ ନ ହୁଏ ତେବେ ଆଗାମୀ ଦିନରେ ଆମେ ଗ୍ରାମବାସୀ ବ୍ଲକ ଘେରାଉ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କୁ ପଚାରିବାରୁ ସେ କହିଲେ ଯେ, ଖୁବଶୀଘ୍ର ଡୁମ୍ବାଗୁଡ଼ାଠାରୁ କାଳିଆମ୍ବ ଗାଁକୁ ରାସ୍ତା ଏବଂ କୋସକୋଟା ନଦୀରେ ପୋଲ ନିର୍ମାଣ ନେଇ ପଦକ୍ଷେପ ନେବି ବୋଲି କହିଥିଲେ।



କାଳିଆମ୍ବକୁ ପଡିଥିବା ରାସ୍ତା।

## ସଂକ୍ଷେପରେ

### ଅଗ୍ନି ବିପନ୍ନ ପରିବାରକୁ ସହାୟତା



**ଗୁଣପୁର,୨୬।୧୨(ଡି.ଏନ୍.ଏ.)-** ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ତମକିମାନଗୁଡ଼ା ଗ୍ରାମରେ ଗତ ୧୭ ତାରିଖରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ଘର ଜଳିଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ କେବଳ ପଲିଥିନ ଦିଆଯାଇଥିବାବେଳେ ସେମାନେ ଥଣ୍ଡାରେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଶନିବାର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରାର୍ଥୀ କ୍ରିଷ୍ଣା ବିଡିକା ଗାଁକୁ ଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି କମ୍ବଳ, ଚାଉଳ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ସ୍ଥାୟୀ ସମାଧାନ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଗୀତା ଆବୃତ୍ତି ପ୍ରତିଯୋଗିତା

**ଗୁଣପୁର,୨୬।୧୨(ଡି.ଏନ୍.ଏ)-** ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିବେକାନନ୍ଦ କନ୍ୟାକୁମାରୀ ଶାଖା ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଠାରେ ୨୫ମହିଳା ଏବଂ ପୁରୁଷ ଉପସ୍ଥିତ ରହି ଶ୍ରୀମଦ୍ ଭାଗବତ ଗୀତାର ଦ୍ୱାଦଶ ଅଧ୍ୟାୟ ପଠନ କରିଥିଲେ। କୃଷ୍ଣ ଚନ୍ଦ୍ର ପାଠୀ, ବିଦ୍ୟାଧର ମିଶ୍ର, ପ୍ରତିଭା ରଥ ବିଚାରକଭାବେ ଉପସ୍ଥିତ ଥିଲେ। କନ୍ୟାକୁମାରୀ ଶାଖା କେନ୍ଦ୍ରର ବ୍ୟବସ୍ଥା ପ୍ରମୁଖ କେ. ପ୍ରବୀଣରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ରାଜେଶ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ନଗର ସଞ୍ଚାଳକ ଜଗନ୍ନାଥ ପଟ୍ଟନାୟକ ଗୀତା ପଠନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସହ ନଗର ପ୍ରମୁଖ ନିଳାଦ୍ରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସଦାନନ୍ଦ ପଣ୍ଡା, ଚିନ୍ମୟୀ ସେନାପତି ଏଥିରେ ସହଯୋଗ କରିଥିଲେ।

### ପ୍ରାର୍ଥନା ସଭା, ନୀତିବାଣୀରେ ପାଳିଲେ ବଡ଼ଦିନ



**ଡାବୁଗାଁ, ୨୬।୧୨(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ କରୋନା କଟକଣା ଯୋଗୁ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ନିରାଡମ୍ବରରେ ପାଳିଛନ୍ତି। ସ୍ଥାନୀୟ ଚର୍ଚ୍ଚରେ ଗୁରୁବାର ସନ୍ଧ୍ୟାରୁ ପ୍ରାର୍ଥନା ସଭା ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ଚାଲିଥିଲା। ଚର୍ଚ୍ଚ ପକ୍ଷରୁ ପ୍ରଦୀପ ଗରଡ଼ା ଯିଶୁଖ୍ରୀଷ୍ଟଙ୍କ ବାଣୀ ଏବଂ ବାଇବେଲର ନୀତିବାଣୀ ପଠନ କରି ଆଲୋଚନା କରିଥିଲେ। ସ୍କୁଲ ଛାତ୍ରୀଛାତ୍ର ସଙ୍ଗୀତ ଗାନ କରିଥିଲେ। ଚର୍ଚ୍ଚର ସଭାପତି ସଞ୍ଜୀବ କୁମାର ଜାନୀ, ସମ୍ପାଦକ ପ୍ରତାପ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶାନ୍ତନୁ ମନ୍ଦାର, ଜୋଏସ, ଆନି, ଷ୍ଟାଲିନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟଞ୍ଜନ ଦ୍ୱାଦଶୀରେ ୫୬ ଭୋଗ

**ଜୟପୁର,୨୬।୧୨( ନି.ପ୍ର.)**

ଜୟପୁର ବଲ୍ଲଭ ନାରାୟଣଙ୍କ ନିକଟରେ ଶୁକ୍ରବାର ୫୬ ବ୍ୟଞ୍ଜନ ଲାଗି କରାଯାଇଛି। ବ୍ୟଞ୍ଜନ ଦ୍ୱାଦଶୀ ଉପଲକ୍ଷେ ଏହା ଲାଗି ହୋଇଥିବା ଜଣାପଡିଛି। ମିଠା କାନିକା, ଦହି ଭାତ, ପଲଉ, ଶାକର, ଘାଣ୍ଟ, ଶାଗ, ପାଲକ ପନିର, ମଟର ପନିର, ଚିପ୍ସ, କଦଳୀ ଭଜା, ମଞ୍ଜି ଭଜା ନାରାୟଣଙ୍କ ପ୍ରିୟ କଲରା ଭଜା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରି ଲାଗି କରାଯାଇଥିଲା। ପ୍ରତିବର୍ଷ ମାର୍ଗଶିର ମାସରେ ବ୍ୟଞ୍ଜନ ଦ୍ୱାଦଶୀ ଦିନ ୫୬ ବ୍ୟଞ୍ଜନ ଲାଗି ହେବା ପରମ୍ପରା ଏଠାରେ ରହିଛି ।



ବଲ୍ଲଭ ନାରାୟଣଙ୍କଠାରେ ଲାଗି ହୋଇଥିବା ବ୍ୟଞ୍ଜନ।

# ଶଟର ଭାଙ୍ଗି ଦୋକାନରୁ ମୋବାଇଲ ଚୋରି

**ଚନ୍ଦାହାଣ୍ଡି, ୨୬।୧୨(ଡି.ଏନ୍.ଏ.)** ଚନ୍ଦାହାଣ୍ଡି ବ୍ଲକସ୍ଥିତ ସାଇଲ ମୋବାଇଲ ଦୋକାନର ସଟର ଭାଙ୍ଗି ୩୦ଟି କି ପ୍ୟାଡ୍ ମୋବାଇଲ ଚୋରି ହୋଇଥିବା ମାଲିକ ମହମ୍ମଦ ସାଇଲ କହିଛନ୍ତି। ଚୋରି ବେଳର ଫୁଟେଜ୍ ସିସିଟିଭିରେ କଏଦ ହୋଇଛି। ଏ ନେଇ ସେ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ ବାହାର ସଟର କାଟି କିଛିଦୁର୍ବୃତ୍ତ ଦୋକନରେ ପଶି ମୋବାଇଲ ଚୋରି କରି ନେଇଥିଲେ। ସେ ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ କରିବା ପରେ ଏଏସ୍‌ଆଇ ଲଳିତ କୁମାର ପଣ୍ଡା ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

# ଜିଲା ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ନେତା, କର୍ମୀ।

**ମାଲକାନଗିରି,୨୬।୧୨(ସ୍ୱ.ପ୍ର.)**

ମାଲକାନଗିରି ଜିଲା ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶନିବାର ୨୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ନଗରଭବନଠାରେ ପାଳିତ ହୋଇଯାଇଛି। ଭୈରବୀ ମନ୍ଦିରଠାରୁ ଏକ ବାଇକ୍ ରାଲି ଆରମ୍ଭ ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ରାଲି ପୌର ପରିଷଦର ପ୍ରତ୍ୟେକ ୱାର୍ଡ ପରିକ୍ରମା କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ କର୍ମୀ ଓ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ ଉପସ୍ଥିତ ଥିଲେ। ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା ଓ ସାଙ୍ଗଠନ ସମ୍ପାଦକ ନୃସିଂହ ଚରଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପ୍ରଭାକର ପ୍ରଧାନ, ରାଜୱନ୍ତ କୌର, ସୁବାସ ବାନାର୍ଜୀ, ରବିନାରାୟଣ ପାତ୍ର, ଭବାନୀ ଶଙ୍କର ମିଶ୍ର, ମନୋଜ ବାରିକ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଯୁବ ସଭାପତି ଆଡ଼ମା ରାବା ଉପସଭାପତି କନଟେଶ୍ୱର ପଟଲା, ପୌରାଞ୍ଚଳ ସଭାପତି ରାଜୀବ ଲୋଚନ ସିସା, ଉପସଭାପତି ମିଳନ ସରକାର, ବିଜୁ ଛାତ୍ର ଜନତା ସଭାପତି ଏ.ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଲକାନଗିରି ଜିଲାବାସୀଙ୍କ ଆସ୍ଥା ବଜାୟ ରଖିବା, ଜନସେବାକୁ ରାଜନୀତିର ମୂଳମନ୍ତ୍ର ଭାବେ ଗ୍ରହଣ କରିବା ଏବଂ ନିଜ ପ୍ରତିବଦ୍ଧତା ବଜାୟ ରଖିବା ପାଇଁ କର୍ମୀ, ନେତାମାନେ ଶପଥ ନେଇଥିଲେ।

## ପୃଥକ୍ ଦୁର୍ଘଟଣାରେ ୪ ଆହତ

**ଡାବୁଗାଁ, ୨୬।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଡାବୁଗାଁ - କେଲିଆ ଆରଡି ରାସ୍ତା ଜଗନ୍ନାଥଗୁଡା ନିକଟରେ ଚାଟିଗୁଡା ଗ୍ରାମର ସନାତନ ଗୌଡ (୨୭)ଙ୍କ ସହ ଡୁମୁଣିଗୁଡା ଗ୍ରାମର ଲମ୍ବୁ ହରିଜନ (୩୦) ଓ ଦେବେନ୍ଦ୍ର ହରିଜନ (୨୬)ଙ୍କ ବାଇକ୍ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଆହତ ହୋଇଥିଲେ। ଖବର ପାଇ ଡାବୁଗାଁ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସନାତନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି କୋଷାଗୁମୁଡା ବ୍ଲକ ଅଧୀନ ଲାଣ୍ଡୁଗୁଡା ଗ୍ରାମର କ୍ଷେମରାଜ ମାଝି (୩୨) ଆଚିଗାଁ ଆସୁଥିବା ବେଳେ ଡଙ୍ଗାବେଡା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲେ। ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଛି।

## ଘରେ ପାଳିଲେ ବଡ଼ଦିନ

**ରାୟଗଡ଼ା ଅଫିସ,୨୬।୧୨–** କରୋନା କଟକଣା ଯୋଗୁ ଚଳିତ ବର୍ଷ ରାୟଗଡ଼ାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଘରେ ହିଁ ବଡ଼ଦିନ ପର୍ବ ପାଳନ କରିଛନ୍ତି। ଖ୍ରୀଷ୍ଟମାସ ଉତ୍ସବ ଏଥର ଫିକା ପଡ଼ିଛି। ପ୍ରଶାସନ ପକ୍ଷରୁ ଖ୍ରୀଷ୍ଟମାସ ଘରେ ପାଳିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ ରାୟଗଡ଼ାରେ ରହିଥିବା ୨୪ ଚର୍ଚ୍ଚ ଶୁକ୍ରବାର ବନ୍ଦ ରହିଥିଲା। କୌଣସିସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିନ ଥିଲା।

# ଯୁବପିଢ଼ି, ନାରୀ ଶକ୍ତିକୁ ପ୍ରାଧାନ୍ୟ ଦେଉଛି ଦଳ




ଉମରକୋଟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଡାବୁଗାଁ/ରାଇଘର/ ଉମରକୋଟ ୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ବିଜେଡିର ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ଏହି ଉପଲକ୍ଷେ ଦଳ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଇଥିଲା।

ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଏମ୍.ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍.ବୁଲୁ ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ପାପନ୍ନା ରେଲି, ଗେଦୁ ପଟ୍ଟନାୟକ, ଜି.ପ୍ରକାଶ ରାଓ, ବାବୁଜୀ ରାଓ, ବବୁଲୁ ତ୍ରିପାଠୀଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

ଉମରକୋଟ ନିର୍ବାଚନ ମଣ୍ଡଳୀ ପକ୍ଷରୁ ରାଇଘର ବ୍ଲକ କଳସୀ ମଣ୍ଡେଇ ପଡିଆରେ ମନୋଜ ଧଳଙ୍କ ସଭାପତିତ୍ୱରେ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବେଦିତା ମହାନ୍ତି, ଜିଲା ସଭାନେତ୍ରୀ ନବୀନା ନାୟକ, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଉମରକୋଟ ବ୍ଲକ ଝରିଗାଁ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବଡ଼କୁମାରୀରେ ଅନୁଷଷ୍ଠିତ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ବିଜେଡିର ୨୦ବର୍ଷ ଶାସନ କାଳ ମଧ୍ୟରେ ଦଳ କରିଥିବା ଲୋକାଭିମୁଖୀ ଯୋଜନା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଯୁବ ପିଢି ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ପ୍ରମୋଦ ପାଢ଼ୀ, ଅଜିତ ପ୍ରଧାନ, ପ୍ରଫୁଲ୍ଲ ପଣ୍ଡା, ସୁଧାଂଶୁ ଦାସ, ନିବେଦିତା ମହାନ୍ତି, କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

**ଉମରକୋଟ, ୨୬।୧୨(ସ୍ୱ.ପ୍ର.)**

ଉମରକୋଟ ପ୍ରେସ୍ କ୍ଲବ ପକ୍ଷରୁ କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି, ଏସ୍‌ଡିପିଓ ହେମନ୍ତ କୁମାର ପାଢୀ, ଥାନାଧିକାରୀ ନରେଶ ପ୍ରଧାନ, ବିଡିଓ ଦେବୀ ପ୍ରସାଦ ଟାଲି, ସ୍ତ୍ରୀ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସୁମନ୍ତ କୁମାର ରାଉଳ, ପୂଜାରିଗୁଡ଼ା ସିଏଚ୍‌ସି ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦେ, ଝରିଗାଁ ଥାନାଧିକାରୀ ଉମେଶ କୁମାର ସାହୁ, ଝରିଗାଁ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ଦୁର୍ଗା ପ୍ରସାଦ ମଲ୍ଲିକ, ସତ୍ୟବ୍ରତ ସାମଲ, ଗୋପାଳ ପଟ୍ଟନାୟକ, ନଳିନୀ ରଞ୍ଜନ ମିଶ୍ର, କୃଷ୍ଣ ପ୍ରସାଦ ପଟ୍ଟନାୟକ, ମହେଶ୍ୱର ବେହେରା, ସନ୍ତୋଷ ପାତ୍ର, ସନ୍ତୋଷ ଶତପଥୀ, ଯୁଗଳ କିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କିଶୋରୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**କୋରୁକୋଣ୍ଡା,୨୬।୧୨(ଡି.ଏନ୍.ଏ.**

ମାଲକାନଗିରି ଜିଲାର କିଶୋରୀ ବାଳିକାମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଲାଗି ଶୁକ୍ରବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ଦିଦି ସଙ୍ଗଠନ ପକ୍ଷରୁ ହେଉଥିବା ଏହି କାର୍ଯ୍ୟକ୍ରମ କୋରୁକୋଣ୍ଡା ବ୍ଲକ ପଟ୍ରେଲ ପଞ୍ଚାୟତର ମାଝିଗୁଡ଼ା ଗ୍ରାମରେ ହୋଇଥିଲା। ସେଠାରେ ସଙ୍ଗଠନର କର୍ମକର୍ତ୍ତାମାନେ ଗ୍ରାମର ବରିଷ୍ଠ ମହିଳାମାନଙ୍କ ସହ ମତ ବିନିମୟ କରିଥିଲେ। ସେମାନଙ୍କ କାମ, ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ବିଷୟରେ ଆଲୋଚନା କରିଥିଲେ। ପରେ ପୁରୁଣା ଚିତାପାରି, ତାଲୋଟିଗୁଡା, ପାଡାଲପୁଟ ଓ ଡାବେଗୁଡାର କିଶୋରୀ ବାଳିକାମାନଙ୍କୁ ଏକତ୍ରକରି ଚିତ୍ର ମାଧ୍ୟମରେ ସେମାନଙ୍କୁ ସଚେତନ କରିଥିଲେ। ବାଲ୍ୟବିବାହ, ଶିଶୁ ଶ୍ରମିକ, ଗୁଡ୍ ଟଚ୍ ଓ ବ୍ୟାଡ୍ ଟଚ୍, ଦାଦନ ଶ୍ରମିକ, ଉଚ୍ଚଶିକ୍ଷା ଓ କିପରି, କାହିଁକି ଆମେ ଚିକିତ୍ସାଳୟକୁ ଯିବା ନେଇ ସଚେତନ କରାଇଥିଲେ। ଗ୍ରାମର ବରିଷ୍ଠ ମା' ତିଲୋତମା କୁମ୍ଭାର ସେମାନଙ୍କ ଜୀବନ ଜୀବିକା ସମ୍ପର୍କରେ ଅବଗତ କରାଇ ନିଜ ହାତରେ ସେ କିପରି ମାଟି ଜିନିଷ ତିଆରି କରୁଛନ୍ତି ଶିଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୭୨ କିଶୋରୀ ବାଳିକାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ବଡ଼ଦିଦି ସଙ୍ଗଠନ କର୍ମକର୍ତ୍ତାଙ୍କ ଏପରି ଅଭିନବ ପ୍ରୟାସ କିଶୋରୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର କରିବାରେ ସହାୟକ ହେବ ବୋଲି ସଂଯୋଜିକା ଚନ୍ଦ୍ରମା ମାଝି କହିଥିଲେ। ଶିକ୍ଷକ ବିନତି ପଡ଼ିଆମି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କିଶୋରୀ।

# ଆଦିବାସୀ ପାଳିଲେ ଗୋ-ପୂଜନର ନିଆରା ପରବ 'ଦିଆଳି'

**ଧୋତ୍ରା, ୨୬।୧୨(ଡି.ଏନ୍.ଏ.)**

- ଗୋରୁଙ୍କୁ ଦିଆଯାଇଥାଏ ବର୍ଷର ପ୍ରଥମ ଫସଲ
- ପରଦିନ ପାଳନ ହୁଏ ଗର୍ଦ୍ଧନ ଯାତରା
- 'ଗର୍ଦ୍ଧନ'ରେ ଧାନ, ଟଙ୍କା ଦେଇ ଗଉଡ଼ଙ୍କୁ ସମ୍ମାନିତ କରାଯାଇଥାଏ

ଧୋତ୍ରାରେ ଆଦିବାସୀମାନେ 'ଦିଆଳି' ପରବ ପାଳନ କରିଛନ୍ତି। ଏହି ପର୍ବରେ ଗୋ-ପୂଜନ କରାଯାଇଥାଏ। ଏଥିରେ ବର୍ଷର ପ୍ରଥମ ଫସଲ ଗୋରୁଙ୍କୁ ପ୍ରଥମେ ଖାଇବାକୁ ଦିଆଯାଇଥାଏ। ଏଥିସହ ଭୋଜିଭାତ ଓ ନାଚଗୀତର ଆସର ମଧ୍ୟ ଜମେ। କିନ୍ତୁ ଚଳିତ ବର୍ଷ କୋଭିଡ୍ କଟକଣା ହେତୁ ନିରାଡମ୍ବରଭାବେ ଏହି ପରବ ପାଳନ କରାଯାଇଛି।

ପ୍ରଥମେ ଆଦିବାସୀଙ୍କ ବଡ ବଉଲାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିରେ ଗୁହାଳର ପୁରୁଣା ସାମଗ୍ରୀ କୁଲା, ଝାଡୁ, ଦଉଡିକୁ ଶୋଭାଯାତ୍ରାରେ ନେଇ ଗ୍ରାମର ଶେଷ ମୁଣ୍ଡରେ ବିସର୍ଜନ କରାଯାଇଥାଏ। ମା' ଠାକୁରାଣୀଙ୍କ ଚଳନ୍ତି ରୂପ ଗ୍ରାମ ପରିକ୍ରମା କରିଥାନ୍ତି। ପରେ ଉକ୍ତ ଦିନ ଦିଆଳି ପରବ ପାଇଁ ଦିନ ନିର୍ଦ୍ଧାରଣ କରାଯାଏ। ପରଦିନଠାରୁ ଆରମ୍ଭ ହୁଏ ନିଜ ଲୋକଙ୍କୁ ନିମନ୍ତ୍ରଣ। ଏହି ପର୍ବ ପାଇଁ ଆରମ୍ଭ ହୁଏ ଘର ଲିପା, ରଙ୍ଗ ଦେବା। ଦିଆଳିର ଠିକ୍ ଗୋଟିଏ ଦିନ ପୂର୍ବରୁ ଗ୍ରାମ ଗାଈ ଜଗୁଆଳି (ଗଉଡ଼) ପ୍ରତ୍ୟେକ ଘର ଗାଈ ବଳଦ ବାଛୁରୀଙ୍କ ବେକରେ ଗେଟା ଦୌଡ଼ି ବାନ୍ଧିଥାନ୍ତି। ଉକ୍ତ ଦିନ ପ୍ରଥମେ ଗୋରୁଙ୍କୁ ଗାଧୋଇବା ପରେ ଧୂପ ଦୀପ ଜାଳି ପୂଜା କରାଯାଇଥାଏ। ପରେ ନୂଆ କୁଲା ଟାଙ୍ଗୁଡ଼ିରେ ନୂଆ ଫସଲ ସହ ଖେଚୁଡି ଆଦି ଖାଇବାକୁ ଦିଆଯାଇଥାଏ। ଏହି ଦିନ ଘରେ ଘରେ ପିଠା ପଣା କରାଯାଇଥାଏ। ପରଦିନ ସକାଳେ ଗ୍ରାମ ମଝିରେ ଗର୍ଦ୍ଧନ ଯାତ୍ରା ହୁଏ। ସମସ୍ତେ ଗାଈ ଜଗୁଆଳିଙ୍କୁ ଧାନ ଏବଂ ପଇସା ଦେଇ ବର୍ଷ ସାରା ଗାଈ ଜଗିଥିବା ହେତୁ ସମ୍ମାନିତ କରାଯାଏ। ଏହି ଅବସରରେ ଧାନ କେଣ୍ଡାକୁ ଗୁନ୍ଥି ଘର ଦୁଆରେ ବନ୍ଧା ଯାଇଥାଏ। ଦୀର୍ଘ ଦିନର ଅକ୍ଳାନ୍ତ ପରିଶ୍ରମରେ ତାଙ୍କୁ ସହାୟତା କରିଥିବା ଗୋରୁଙ୍କ ସମ୍ମାନାର୍ଥେ ଏହି ପର୍ବ ପାଳନ କରାଯାଏ ବୋଲି ଚାଷୀମାନେ କହିଛନ୍ତି।



ଗାଈ, ବଳଦ,ବାଛୁରୀଙ୍କୁ ନବାନ୍ନ ଖାଇବାକୁ ଦିଆଯାଉଛି।

